# NATIONAL NEWS BULLETIN (ODIA)

**24 May- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀଠାରେ ନୀତି ଆୟୋଗ ପରିଚାଳନା ପରିଷଦ ବୈଠକରେ ଅଧ୍ୟକ୍ଷତା କରୁଛନ୍ତି ପ୍ରଧାନମନ୍ତ୍ରୀ

- ଅପରେସନ ସିନ୍ଦୂର ସଂପର୍କରେ କୂଟନୈତିକ ସ୍ତରୀୟ ଆଲୋଚନା ପାଇଁ ବାହାରିନ୍‌ରେ ପହଞ୍ଚିଲେ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ

- ଆସନ୍ତାକାଲି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ ।

- ସନ୍ତ୍ରାସବାଦ ମୁକାବିଲା ଦିଗରେ ଭାରତର ପଦକ୍ଷେପକୁ ଜର୍ମାନ୍ ଦୃଢ଼ ସମର୍ଥନ କରିଥିବାରୁ ବୈଦେଶିକ ମନ୍ତ୍ରୀଙ୍କ ପ୍ରଶଂସା

ଏବଂ

- କେରଳ ସ୍ପର୍ଶ କଲା ଦକ୍ଷିଣ ପଶ୍ଚିମ ମୌସୁମୀବାୟୁ

## ନୀତି ଆୟୋଗ

ନୂଆଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ନୀତି ଆୟୋଗ ପରିଚାଳନା ପରିଷଦର ଦଶମ ବୈଠକ ଅନୁଷ୍ଠିତ ହେଉଛି । ଏଥିରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ, ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ,

ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କ ସମେତ ଅନ୍ୟ କେତେକ ରାଜ୍ୟର ମୁଖ୍ୟମନ୍ତ୍ରୀ ଏହି ବୈଠକରେ ଯୋଗ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ଉପରାଜ୍ୟପାଳ, କେନ୍ଦ୍ର ମନ୍ତ୍ରିପରିଷଦର ସଦସ୍ୟ, ନୀତି ଆୟୋଗର ଉପାଧ୍ୟକ୍ଷ, କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଅନ୍ୟ ସଦସ୍ୟଗଣ ଉପସ୍ଥିତ ଅଛନ୍ତି । "୨୦୪୭ ବିକଶିତ ଭାରତ ଲାଗି ବିକଶିତ ରାଜ୍ୟ" ପ୍ରସଙ୍ଗ ନେଇ ବୈଠକରେ ଆଲୋଚନା ହେଉଛି ।

ଦେଶ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକ ସଂପର୍କରେ ଏହି ବୈଠକରେ ମତ ବିନିମୟ ହେବା ସହ ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଲାଗି ରାଜ୍ୟଗୁଡ଼ିକର ଭୂମିକା ଉପରେ ସହମତି ସୃଷ୍ଟି କରିବା ପାଇଁ ଆଲୋଚନା ଚାଲିଛି ।

ଉଦ୍ୟମିତାକୁ ପ୍ରୋତ୍ସାହନ ପ୍ରଦାନ, ସ୍ଥାୟୀ ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ଦକ୍ଷତା ବୃଦ୍ଧି ଉପରେ ମଧ୍ୟ ବୈଠକରେ ଆଲୋଚନା ହେଉଥିବା ଜଣାପଡ଼ିଛି ।

## ଅଲ୍‌ପାର୍ଟି ଡେଲିଗେସନ୍ସ

ଭାରତର ଅପରେସନ ସିନ୍ଦୂର ସଂପର୍କରେ କୂଟନୈତିକ ସ୍ତରୀୟ ଆଲୋଚନା ପାଇଁ ବିଜେପି ସାଂସଦ ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱାଧିନ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ଆଜି ବାହାରିନ୍‌ରେ ପହଞ୍ଚିଛନ୍ତି । ଆତଙ୍କବାଦ ବିରୁଦ୍ଧରେ ଭାରତର ଶୂନ୍ୟ ସହନଶୀଳ ନୀତି ସଂପର୍କରେ ସେ ଏହି ଅବସରରେ ସେଠାକାର ଶୀର୍ଷ ନେତୃମଣ୍ଡଳୀଙ୍କ ସହ ଆଲୋଚନା କରିବେ । ସାଂସଦ ଶ୍ରୀ ପଣ୍ଡା ଏବଂ ପ୍ରତିନିଧି ମଣ୍ଡଳୀଙ୍କୁ ବିମାନ

ବନ୍ଦରଠାରେ ଭାରତର ରାଷ୍ଟ୍ରଦୂତ ବିନୋଦ କେ. ଜାକବ୍ ସ୍ୱାଗତ କରିଥିଲେ । ଏହି ପ୍ରତିନିଧି ଦଳରେ ପୂର୍ବତନ ବୈଦେଶିକ ସଚିବ ହର୍ଷବର୍ଦ୍ଧନ ଶ୍ରୀଙ୍ଗଲା, **AIMIM** ସାଂସଦ ଅସଦୁଦ୍ଦିନ ଓୱେସି, ରାଜ୍ୟସଭା ସାଂସଦ ରେଖା ଶର୍ମା ଏବଂ ଶତନାମ ସିଂ ସାନ୍ଧୁ, ଜାମ୍ମୁକାଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଗୁଲାମ ନବୀ ଆଜାଦ, ବିଜେପି ସାଂସଦ ଫାଙ୍ଗନନ କୋନ୍ୟାକ୍ ଏବଂ ନିଶିକାନ୍ତ ଦୁବେ ସଦସ୍ୟ ଭାବେ ସାମିଲ ହୋଇଛନ୍ତି । ଏହି ପ୍ରତିନିଧି ମଣ୍ଡଳୀ ସାଉଦିଆରବ, କୁଏତ୍ ଏବଂ ଆଲ୍‌ଜେରିଆ ଗସ୍ତ କରିବାର ମଧ୍ୟ କାର୍ଯ୍ୟସୂଚୀ ରହିଛି ।

**V/O**

କଂଗ୍ରେସ ସାଂସଦ ଶଶି ଥରୁରଙ୍କ ନେତୃତ୍ୱରେ ଅନ୍ୟ ଏକ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ଦିଲ୍ଲୀରୁ ଆଜି ପ୍ରତ୍ୟୁଷରୁ ୫ଟି ରାଷ୍ଟ୍ର ଗସ୍ତରେ ଯାଇଛନ୍ତି । ଏହି ପ୍ରତିନିଧି ମଣ୍ଡଳୀ ପ୍ରଥମେ ଗୁଆନାରେ ପହଞ୍ଚିବେ । ଏହା ପରେ ଆମେରିକା, ପାନାମା ବ୍ରାଜିଲ ଓ କଲମ୍ବିଆ ରାଷ୍ଟ୍ର ଗସ୍ତରେ ଯିବେ। ଗସ୍ତ ପୂର୍ବରୁ ଶ୍ରୀ ଥରୁର ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏକ ଭିଡ଼ିଓ ବାର୍ତ୍ତାରେ ଆତଙ୍କବାଦ ବିରୁଦ୍ଧରେ ଭାରତର ସ୍ୱଷ୍ଟ ଆଭିମୁଖ୍ୟକୁ ଦୋହରାଇଛନ୍ତି । ସେ କହିଛନ୍ତି, ଆତଙ୍କବାଦ ବିରୁଦ୍ଧରେ ଭାରତ ଦୃଢ଼ ପଦକ୍ଷେପ ଗ୍ରହଣ କରିବା ସହ ଶାନ୍ତି ପ୍ରତିଷ୍ଠା ହେଉଛି ମୂଳ ଲକ୍ଷ୍ୟ ।

ଅନ୍ୟପକ୍ଷରେ ଜେଡିୟୁ ସାଂସଦ ସଂଜୟ ଝାଙ୍କ ନେତୃତ୍ୱାଧୀନ ପ୍ରତିନିଧି ମଣ୍ଡଳି ଜାପାନଠାରେ ପ୍ରବାସୀ ଭାରତୀୟଙ୍କ ସହ ମଧ୍ୟ ମତ ବିନିମୟ କରିଛନ୍ତି । ଭାରତୀୟ ଦୂତାବାସଠାରେ ଅନୁଷ୍ଠିତ ଏହି ସମାବେଶକୁ ସମ୍ବୋଧନ କରି ଶ୍ରୀ ଝା କହିଛନ୍ତି ଆତଙ୍କବାଦ ବିରୁଦ୍ଧରେ

ଭାରତ ଏକାଠି କାର୍ଯ୍ୟ କରୁଛି । ପହଲଗାମ ଆତଙ୍କବାଦୀ ଆକ୍ରମଣ ଉପରେ ଆଲୋକପାତ କରି ସେ ପାକିସ୍ତାନ ଏଥିରେ ଜଡ଼ିତ ଥିବା ନେଇ ତଥ୍ୟ ଉପସ୍ଥାପନ କରିଛନ୍ତି । ଅପରେସନ ସିନ୍ଦୂର ମାଧ୍ୟମରେ ଭାରତ ଗ୍ରହଣ କରିଥିବା ପଦକ୍ଷେପ ଉପରେ ସେ ଏହି ଅବସରରେ ଆଲୋକପାତ କରିଛନ୍ତି ।

**V/O**

# ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ହେବ ମନ୍‌କି ବାତର ୧୨୨ତମ ସଂସ୍କରଣ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟଓ୍ୱର୍କ, ଆକାଶବାଣୀ ଓ୍ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ Appରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

# ଜୟଶଙ୍କର-ବର୍ଲିନ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ବର୍ଲିନ୍‌ଠାରେ ଜର୍ମାନ୍ ଚାନ୍‌ସେଲର ଫ୍ରିଡ୍ରିକ୍ ମର୍ଜ୍‌ଙ୍କ ସହିତ ସାକ୍ଷାତ ଆଲୋଚନା କରିଛନ୍ତି । ସନ୍ତ୍ରାସବାଦର ମୁକାବିଲା କରିବା ଦିଗରେ ଭାରତର ପଦକ୍ଷେପକୁ ଜର୍ମାନ୍ ପକ୍ଷରୁ ଦିଆଯାଇଥିବା ଦୃଢ଼ ସମର୍ଥନ ଲାଗି ଡକ୍ଟର ଜୟଶଙ୍କର ଏହାର ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ଭାରତ ଆତଙ୍କବାଦ ପ୍ରତି ଶୂନ୍ୟସହନଶଳୀତା ନୀତି ଅବଲମ୍ବନ କରୁଛି ଏବଂ ଯେକୌଣସି ପ୍ରକାର ଆତଙ୍କବାଦୀ କାର୍ଯ୍ୟକଳାପର ମୁକାବିଲା ଲାଗି ଭାରତ ପ୍ରସ୍ତୁତ ଅଛି ।

ଜର୍ମାନର ବର୍ଲିନ୍‌ଠାରେ ଜର୍ମାନ୍ ବୈଦେଶିକ ସଂପର୍କ ପରିଷଦର ଏକ ଆଲୋଚନାଚକ୍ରକୁ ସମ୍ବୋଧନ କରି ଡକ୍ଟର ଜୟଶଙ୍କର କହିଛନ୍ତି, ଆତ୍ମରକ୍ଷା କରିବାର ଅଧିକାରକୁ ଜର୍ମାନ ସ୍ୱୀକାର କରି ସ୍ପଷ୍ଟ ବାର୍ତ୍ତା ଦେଇଥିବାରୁ ଭାରତ ଉତ୍ସାହିତ ହୋଇଛି । ଦେଶବାସୀଙ୍କୁ ସୁରକ୍ଷିତ ରଖିବାର ଅଧିକାର ଭାରତର ରହିଛି ଏବଂ ଏଥିରେ ବିଶ୍ୱର ଅଧିକାଂଶ ରାଷ୍ଟ୍ର ସହମତ ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି । ଆତଙ୍କବାଦକୁ ପାକିସ୍ତାନ ଏକ ମାଧ୍ୟମ ଭାବେ ବ୍ୟବହାର କରିଆସିଛି ।

ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ଦୃଢ଼ ନିନ୍ଦା କରିବା ସହ ଡକ୍ଟର ଜୟଶଙ୍କର କହିଛନ୍ତି, କେବଳ ଜାମ୍ମୁ କାଶ୍ମୀର ନୁହେଁ, ବରଂ ଦେଶର ଅନ୍ୟାନ୍ୟ ଅଞ୍ଚଳକୁ ଆତଙ୍କବାଦ ଆକ୍ରମଣ ପାଇଁ ପାକିସ୍ତାନ ମସୁଧା କରୁଛି । ଜାମ୍ମୁ କାଶ୍ମୀର ଅଞ୍ଚଳର ପର୍ଯ୍ୟଟନ ଅର୍ଥନୀତିକୁ କ୍ଷତି ପହଞ୍ଚାଇବା

ସହ ଧାର୍ମିକ ବିଭେଦ ସୃଷ୍ଟି କରିବା ଏହି ଆକ୍ରମଣର ମୁଖ୍ୟ ଉଦ୍ଦେଶ୍ୟ । ଏହି ଆକ୍ରମଣ ପରିପ୍ରେକ୍ଷୀରେ ଭାରତର ସାମରିକ ଅଭିଯାନ ଆତଙ୍କବାଦ ବିରୁଦ୍ଧରେ ଥିଲା ବୋଲି ସେ ସ୍ପଷ୍ଟ କରିଛନ୍ତି ।

# ଇୟୁ-ୟୁଏସ୍ ଟ୍ରେଡିଂ

ଆମେରିକା ଏବଂ ୟୁରୋପୀୟ ସଂଘ ମଧ୍ୟରେ ବାଣିଜ୍ୟ ସଂକ୍ରାନ୍ତ ଆଲୋଚନାରେ ପାରସ୍ପରିକ ସମ୍ମାନ ଉପରେ ୟୁରୋପୀୟ ସଂଘର ବାଣିଜ୍ୟ ମୁଖ୍ୟ ମାଓସ୍ ସେଫ୍କୋଭିକ୍ ଗୁରୁତ୍ୱ ଦେଇଛନ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୟୁରୋପୀୟ ସଂଘରୁ ଆମେରିକାକୁ ଯାଉଥିବା ସମସ୍ତ ସାମଗ୍ରୀ ଉପରେ ୫୦ ପ୍ରତିଶତ ଶୁଳ୍କ ଧାର୍ଯ୍ୟ ସଂକ୍ରାନ୍ତ ଘୋଷଣା ପରିପ୍ରେକ୍ଷୀରେ ଶ୍ରୀ ସେଫ୍କୋଭିକ୍ ଏହା କହିଛନ୍ତି । ଉଭୟ ପକ୍ଷଙ୍କ ମଧ୍ୟରେ ବାଣିଜ୍ୟ ଚୁକ୍ତି ସୁନିଶ୍ଚିତ କରିବା ନେଇ ପ୍ରତିବଦ୍ଧତା ରହିଛି ବୋଲି ସେ କହିଛନ୍ତି ।

ଅନ୍ୟପକ୍ଷରେ ରାଷ୍ଟ୍ରପତି ଟ୍ରମ୍ପ ଆଲୋଚନା ପୂର୍ବରୁ କହିଥିଲେ, ଜୁନ୍‌ରେ ଶୁଳ୍କ ବୃଦ୍ଧି କରିବାର ଯୋଜନା ରହିଛି ।  ୟୁରୋପୀୟ ସଂଘ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଶ୍ରୀ ଟ୍ରମ୍ପଙ୍କ ଏହି ଘୋଷଣା ପରିପ୍ରେକ୍ଷୀରେ ଚେତାବନୀ ଦେଇ କହିଛନ୍ତି, ଅଧିକ ଶୁଳ୍କ ଉଭୟ ପକ୍ଷ ପାଇଁ କ୍ଷତିକାରକ ହୋଇପାରେ ।

# ଆର୍‌ବିଆଇ

ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶକ ମଣ୍ଡଳୀ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ସରକାରଙ୍କୁ ଲାଭାଂଶ ସ୍ୱରୂପ ୨ ଲକ୍ଷ ୬୮ ହଜାର କୋଟି ଟଙ୍କା ପ୍ରଦାନ କରିବା ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ରିଜର୍ଭବ୍ୟାଙ୍କ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ଅଧ୍ୟକ୍ଷତାରେ ମୁମ୍ବାଇରେ ଅନୁଷ୍ଠିତ ନିର୍ଦ୍ଦେଶକ ମଣ୍ଡଳୀ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ବୈଠକରେ ଘରୋଇ ଏବଂ ବିଶ୍ୱ ଅର୍ଥନୈତିକ ପରିସ୍ଥିତିର ସମୀକ୍ଷା କରାଯିବା ସହ ଚଳିତବର୍ଷର ଆର୍ଥିକ ରିପୋର୍ଟ ଓ ବାର୍ଷିକ ରିପୋର୍ଟକୁ ଅନୁମୋଦନ ମିଳିଛି ।

# ଆଇପିଏଲ୍‌

ଆଇପିଏଲ୍‌ କ୍ରିକେଟ୍‌ରେ ଆଜି ପଞ୍ଜାବ କିଙ୍ଗସ୍‌ ଏବଂ ଦିଲ୍ଲୀ କ୍ୟାପିଟାଲ୍‌ସ ମଧ୍ୟରେ ମୁକାବିଲା ହେବ । ଜୟପୁରର ସୱାଇ ମାନସିଂହ ଷ୍ଟାଡିୟମଠାରେ ସନ୍ଧ୍ୟା ସାଢ଼େ ୭ଟାରେ ଏହି ମ୍ୟାଚ୍‌ ଖେଳାଯିବ । ତେବେ ଏହି ମ୍ୟାଚ୍‌ର ଫଳାଫଳ ପ୍ଲେଅପ୍‌ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିବା ଦଳଗୁଡ଼ିକ ଉପରେ କୌଣସି ପ୍ରଭାବ ପକାଇବ ନାହିଁ । ଉଭୟ ଦଳ ପ୍ଲେଅପ୍‌ ପର୍ଯ୍ୟାୟରୁ ବାଦ୍‌ ପଡ଼ିଛନ୍ତି । ଗତକାଲିର ମ୍ୟାଚ୍‌ରେ ସନ୍‌ରାଇଜର୍ସ

ହାଇଦ୍ରାବାଦ ୪୨ ରନ୍‌ରେ ରୟାଲ୍‌ଚାଲେଞ୍ଜର୍ସ ବେଙ୍ଗାଲୁରୁକୁ ପରାସ୍ତ କରିଥିଲା ।

# ଆଇଏମ୍‌ଡି-ଓ୍ୱେଦର

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କେରଳ ସ୍ପର୍ଶ କରିଛି । ନିର୍ଦ୍ଧାରିତ ସମୟ ଜୁନ୍ ପହିଲାର ୮ ଦିନ ପୂର୍ବରୁ ଚଳିତବର୍ଷ ମୌସୁମୀ କେରଳ ଉପକୂଳ ସ୍ପର୍ଶ କରିଛି । ଗତ ୧୬ ବର୍ଷ ମଧ୍ୟରେ ପ୍ରଥମଥର ପାଇଁ ମୌସୁମୀର ସଅଳ ଆଗମନ ହୋଇଛି । ଭାରତୀୟ ପାଣିପାଗ ବିଭାଗ ଏ ସଂପର୍କିତ ସୂଚନା ଦେଇ କହିଛି, ୨୦୦୯ମସିହାରେ ମୌସୁମୀ ନିର୍ଦ୍ଧାରିତ ସମୟ ପୂର୍ବରୁ ପହଞ୍ଚିଥିଲା ।

ମୌସୁମୀ ପ୍ରଭାବରେ କେରଳ, ମାହେ, କର୍ଣ୍ଣାଟକ ଉପକୂଳ, କୋଙ୍କଣ ଏବଂ ଗୋଆରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି । ଦେଶର କେନ୍ଦ୍ରୀୟ, ପୂର୍ବ ଏବଂ ଉତ୍ତର-ପୂର୍ବ ଅଞ୍ଚଳରେ ମଧ୍ୟ ପ୍ରବଳ ବର୍ଷାର ସମ୍ଭାବନା ରହିଛି । ଦିଲ୍ଲୀ, ହରିଆଣା, ପଞ୍ଜାବ, ପୂର୍ବ ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ଏବଂ ଗୁଜରାଟର କେତେକ ଅଞ୍ଚଳରେ ଘଡ଼ଘଡ଼ି ସହ ବଜ୍ରପାତ ଓ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ କହିଛି ।

ଅନ୍ୟପକ୍ଷରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଜାମ୍ମୁକାଶ୍ମୀର, ଲଦାଖ, ଗିଲ୍‌ଗିଟ୍, ବାଲ୍‌ଟିସ୍ଥାନ, ମୁଜାଫରବାଦ, ପଞ୍ଜାବ ଏବଂ ରାଜସ୍ଥାନର

କେତେକ ଅଞ୍ଚଳରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବ ବୋଲି ପାଣିପାଗ ବିଭାଗ ଆକଳନ କରିଛି ।